



# ହରିଡା

ପ୍ରାଗୈତିହାସିକ କାଳରୁ ହରିଡା ଲୋକ ଚଳଣୀର ଏକ ଅଭିନ୍ନ ଅଙ୍ଗ ଭାବେ ସର୍ବଜନ ଆଦୃତ । ଏହାର ଔଷଧୀୟ ଗୁଣ ରହିଥିବା ଯୋଗୁଁ ଗରିବ ଆଦିବାସୀ ଓ ବନବାସୀଙ୍କ ଦ୍ୱାରା ଏହା ବହୁଳ ଭାବେ ଆଦୃତ । ହରିଡା ଚାରାକୁ ମଧ୍ୟ ପୂଜାର୍ଚ୍ଚନା କରାଯିବାର ବିଧି ରହିଛି । ହରିଡାର ଉତ୍ପତ୍ତି ସମ୍ବନ୍ଧରେ ଏକ ପୌରାଣିକ କଥା ରହିଛି । ଥରେ ଇନ୍ଦ୍ର ସ୍ୱର୍ଗପୁରରେ ମହୁ ପିଉଥିଲେ । ହଠାତ୍ ଗୋଟିଏ ବୁନ୍ଦା ମହୁ ପୃଥିବୀ ପୃଷ୍ଠକୁ ଖସି ପଡିଲା ସେହି ସ୍ଥାନରେ ଯେଉଁ ଗଛଟି ଜନ୍ମ ନେଲା ତାହା ହେଲା 'ହରିଡା' । ଏଣୁ ହରିଡାକୁ 'ଶୁଦ୍ଧା' ବା 'ମହୁ' ବୋଲି ମଧ୍ୟ କୁହାଯାଏ । ଏହାଛଡା ହରିଡାକୁ 'ପ୍ରାଣଦା' ଓ ଭିଷକପ୍ରିୟ ବା ବୈଦ୍ୟମାନଙ୍କର ପ୍ରିୟ ବୋଲି କୁହାଯାଏ । ଭାରତ ବର୍ଷରେହିଁ ହରିଡାର ସୃଷ୍ଟି । ସାରା ଓଡିଶାରେ ଏହା ଦେଖାଯାଏ । ହରିଡାକୁ ସଂସ୍କୃତ ଭାଷାରେ ହରିତକି ଓ ଅମୃତ, ହିନ୍ଦିରେ ହରରା ବଙ୍ଗାଳୀରେ ହରତକି, ତାମିଲରେ କତୁଖାଇ, ମରାଠୀରେ ହବ୍ରା, ଗୁଜୁରାଟିରେ ହରିଡି, ତେଲଗୁରେ କରାକାଇ ଓ ପଞ୍ଜାବୀରେ ହର କୁହାଯାଏ । ହରିଡାର ବୈଜ୍ଞାନିକ ନାମ ହେଉଛି ଟର୍ମିନାଲିଆ ଚେବୁଲା (terminalia chebula)

## ସାଧାରଣ ତଥ୍ୟ

ହରିଡା ଗଛଟି ଏକ ପତ୍ରଝଡା ଦେଉଥିବା ଗଛ । ଏହା ଏକ ଶାଖା ବହୁଳ ବଡ ଗଛ । ଏହି ଗଛର ପତ୍ରଗୁଡିକ ଲମ୍ବା ଓ ନରମ । ବେଳେ ବେଳେ ଏହାର ପତ୍ରରେ ଲୋମ ଦେଖାଯାଏ । ଏହି ଗଛ ସାଧାରଣତଃ ୧୫ରୁ ୨୪ ମିଟର ଉଚ୍ଚ ହୋଇଥାଏ । ଏହାର ଗୋଲେଇ ୧.୫ ରୁ ୧.୮ ମିଟର ପର୍ଯ୍ୟନ୍ତ ହୋଇଥାଏ । ଏହାର ମୂଳ ଗଣ୍ଡିଟି ୪ରୁ ୯ ମିଟର ପର୍ଯ୍ୟନ୍ତ ଗୋଲାଇର ଲମ୍ବ ହୋଇଥାଏ । ପତ୍ରଗୁଡିକ ପରସ୍ପର ବିପରୀତ ଭାବରେ ସଜା ହୋଇଥାଏ । ଦୁଇଟି ପତ୍ର ଥାକ ମଧ୍ୟରେ ଦୂରତ୍ୱ ଥାଏ । ପତ୍ରଗୁଡିକ ଦେଖିବାକୁ ଅଣ୍ଡାକୃତି ଓ ଶୀତଦିନେ ଝଡିଯାଏ । ହରିଡାର ଫୁଲ ଫିକା ଧଳା କିମ୍ବା ଇଷତ୍ ହଳଦିଆ ରଙ୍ଗର ହୋଇଥାଏ । ଏପ୍ରିଲରୁ ମେ ମାସ ମଧ୍ୟରେ ଏହି ଗଛ ଫୁଲ ଧରେ । ହରିଡା ଫଳଟି ଅଣ୍ଡାକୃତି ଅଟେ । ଏହାର ଲମ୍ବ ୨.୫ ରୁ ୪ ସେ.ମି ପର୍ଯ୍ୟନ୍ତ ହୋଇଥାଏ । ହରିଡା ଦେଖିବାକୁ ହଳଦିଆରୁ ଧୂସରିଆ କମଳା ରଙ୍ଗର । ବେଳେ ବେଳେ ଲାଲ କିମ୍ବା କଳା ରଙ୍ଗ ମିଶିଥିଲା ଭଳି ଦେଖାଯାଏ । ହରିଡା ଶୁଖିଗଲେ ଏଥିରେ ୫ଟି ଶିରା ଥିଲାଭଳି ଦେଖାଯାଏ । ଏହା ପାଚିଗଲେ ବହୁତ ଟାଣ ହୋଇଯାଏ । ଏହାର ଚୋପାଟି ମସୃଣ ନୁହେଁ, ଆବୁଡା ଖାବୁଡା । ଏହି ଫଳ ସାଧାରଣତଃ ନଭେମ୍ବରରୁ ଜାନୁୟାରୀ ମାସରେ ପାକଳ ହୁଏ । ଉତ୍ତର ଭାରତରେ ଏହି ଗଛ ବହୁଳ ପରିମାଣରେ ଦେଖାଯାଏ ।

## ରସାୟନିକ ସଂରଚନା

ହରିଡାରେ ଟାନିନ୍ ପ୍ରଚୁର ପରିମାଣରେ ଥାଏ । ଚେବୁଲାଜିକ୍ ଏସିଡ୍, ଚେବୁଲିନିକ୍ ଏସିଡ୍ ଓ କୋରିଲାଜିନ୍ ଟାନିନ୍‌ର ମୁଖ୍ୟ ଉପାଦାନ । ସାଧାରଣତଃ ହରିଡାରେ ଟାନିନ୍ ୫୮ ପ୍ରତିଶତ, ଦ୍ରବଣୀୟ ଅଣ ଟାନିନ ୩୭ ପ୍ରତିଶତ, ଅଦ୍ରବଣୀୟ ଅଣଟାନିନ୍ ୫ ପ୍ରତିଶତ ଓ ଆର୍ଦ୍ରତା ୧୦ ପ୍ରତିଶତ ଥାଏ । କିନ୍ତୁ ଶୁଖିଲା ହରିଡାରେ ଏହା ଯଥାକ୍ରମେ ୬୦, ୩୬, ୪ ଓ ୬ ପ୍ରତିଶତ ଥାଏ ।

## ବ୍ୟବହାର

*ଫଳ* : ହରିଡା ଫଳରେ ଚମଡା କଷାଇବା ନିମନ୍ତେ ଟ୍ୟାନିନ୍ ମାତ୍ରା ପ୍ରଚୁର ପରିମାଣରେ ମହତ୍ତ୍ୱପୂର୍ଣ୍ଣ ଥାଏ । ହରିଡା ପାଇରୋଜିଲୋଲ ଶ୍ରେଣୀର ଏକ (ଟ୍ୟାନିଙ୍ଗ) ଚମଡା କଷାଇବା ଦ୍ରବ୍ୟ ଅଟେ । ହରିଡା ଚମଡା ଉପରେ ଏକ ବାଦାମୀ ରଙ୍ଗର ଛାପ କରିଥାଏ । ଏହା ଧୀରେ ଧୀରେ ଚମଡା ସହ ମିଶିଯାଏ । ଜୋତାର ତଳ ପ୍ରସ୍ତୁତି ନିମନ୍ତେ ଏହାକୁ ବବୁଲ ସହ ମିଶାଇ ବ୍ୟବହାର କରାଯାଏ ।

ମଂଜି ଚାରିପଟେ ଥିବା ଶୁଖିଲା ଶସରେ ୩୦ରୁ ୩୨ ପ୍ରତିଶତ ଟ୍ୟାନିନ୍ ଥାଏ । ଏହି ଫଳ ମଧ୍ୟ କୋଷ୍ଠବଦ୍ଧତା, ଚର୍ମ ଓ ମାଂସପେଶୀ ସଂକୋଚନ, ପାକସ୍ଥଳୀ ରୋଗ, ଦାନ୍ତ ସକାଶେ ଆଦି ରୋଗର ଔଷଧ ଭାବେ ବ୍ୟବହୃତ ହୁଏ । ଏହା ଅନ୍ତଃନାଳୀରେ ଘା ରୋଗ ନିମନ୍ତେ ମଧ୍ୟ ବିଶେଷ ଉପଯୋଗୀ ହୋଇଥାଏ । ପ୍ରାୟ ୨୦ଟି ଆର୍ୟୁବେଦ ଔଷଧରେ ହରିଡା ବ୍ୟବହାର କରାଯାଇଥାଏ । ହରିଡା, ବାହାଡା ଓ ଅଁଳାରେ ପ୍ରସ୍ତୁତ ତ୍ରିଫଳା ଅନେକ ରୋଗର ମହୌଷଧି ଭାବେ ପରିଚିତ । ଏହି ଫଳରୁ ପ୍ରସ୍ତୁତ ପଦାର୍ଥ ଗାଡିମଟରର ରେଡିଏଟରରେ ଦିଆଯାଉଥିବା ପାଣିରେ ବହୁଳଭାବରେ ବ୍ୟବହାର କରାଯାଏ ଏବଂ ତୈଳ ଖନନ ନିମନ୍ତେ ମଧ୍ୟ ଏକ ମିଶ୍ରଣ ରୂପେ ବ୍ୟବହୃତ ହୋଇଥାଏ । କାଳିତିଆରି, ରଙ୍ଗକରିବା ଆଦି କାର୍ଯ୍ୟରେ ଭଙ୍ଗା ଯାଇଥିବା ହରିଡା ଫଳ କାମରେ ଆସେ । ଏହି ଫଳ ଗୋଟା ଅବସ୍ଥାରେ ଓ ଭାଙ୍ଗି କରି ମଧ୍ୟ ବିକ୍ରି କରାଯାଇଥାଏ । ଉଭୟ ଜାତୀୟ ଓ ଆର୍ନ୍ତଜାତୀୟ ବଜାରରେ ହରିଡାର ଚାହିଦା ରହିଛି ।

*ଫୁଲ* : ହରିଡା ଫୁଲରେ ଥିବା ରସ ରଙ୍ଗ କରିବା ନିମନ୍ତେ ବ୍ୟବହୃତ ହୋଇଥାଏ । ବହି ଛପାଇବା ନିମନ୍ତେ ଏହା କଳା ରଙ୍ଗ ଭାବେ ବ୍ୟବହୃତ ହୁଏ । ସାଧାରଣତଃ ଫୁଲର ଗୁଣ୍ଡ ଓ ଅପରିପକ୍ୱ ଫୁଲ କାଳି ତିଆରି ସକାଶେ ଦରକାରୀ । ଏହି ଫୁଲର ଗୁଣ୍ଡରୁ ହଳଦିଆ ରଙ୍ଗ ତିଆରି ହୁଏ । ଚମଡାକୁ ହଳଦିଆ ଏବଂ ସବୁଜ ରଙ୍ଗ କରିବା ନିମନ୍ତେ ମଧ୍ୟ ଏହି ଫୁଲ ଆବଶ୍ୟକ ହୋଇଥାଏ ।



*ମଞ୍ଜି* : ହରିଡାର ମଞ୍ଜିରୁ ୩୬ ପ୍ରତିଶତ ତେଲ ମିଳିଥାଏ । ଏହିର ତେଲ ସାଧାରଣତଃ ହଳଦିଆ ରଙ୍ଗର । ଏହାର ବାସ୍ନା ଏବଂ ସ୍ୱାଦ ମଧ୍ୟ ଭଲ । ମଞ୍ଜି ଭିତରେ ଥିବା ଶସ ତେଲ ବାହାର କରିବା ନିମନ୍ତେ ଉପଯୋଗୀ ହୋଇଥାଏ ।

*ବକଳ* : ହରିଡା ଗଛର ଛାଲି (ବକଳ) ପ୍ରାୟତଃ ୨୦ଟି ଆର୍ୟୁବେଦ ଔଷଧରେ ବ୍ୟବହାର କରାଯାଏ । ଡାଳର ଛାଲିରୁ ଅଠା ବାହାର କରାଯାଇଥାଏ । ଏହାକୁ ମଧ୍ୟ ହୃଦରୋଗ ସକାଶେ ଔଷଧ ରୂପେ ସେବନ କରାଯାଏ । ବକଳରେ ମଧ୍ୟ ଟ୍ୟାନିନ୍ (ଚମଡା କଷାଇବା ଉପାଦାନ) ମହତ୍ତ୍ୱପୂର୍ଣ୍ଣ ଥାଏ ।

## ପାରମ୍ପରିକ ଓ ଆଧୁନିକ ଔଷଧୀୟ ବ୍ୟବହାର

ହରିଡା କୋଷ୍ଠବଦ୍ଧତା ଉପଶମ ନିମନ୍ତେ ଦରକାରୀ । ଏହା କ୍ଷତିକାରକ ନୁହେଁ ଏବଂ ଶରୀରର ସମସ୍ତ ଅଙ୍ଗକୁ କାର୍ଯ୍ୟକ୍ଷମ କରିବାରେ ସାହାଯ୍ୟ କରେ । ପୁରୁଣା ଜ୍ୱର, ପତଳା ଝାଡା, ନାଳରକ୍ତ ଝାଡା, ଅର୍ଶ, ଅଜୀର୍ଣ୍ଣ, ରକ୍ତଶୂନ୍ୟତା, କାଶ ଆଦି ରୋଗରେ ଏହାକୁ ଔଷଧ ରୂପେ ବ୍ୟବହାର କରାଯାଏ । କ୍ଷତକୁ ଶୁଖାଇବା ଏବଂ ଅନ୍ତଃନାଳୀ ଘା ନିମନ୍ତେ ମଧ୍ୟ ଏହାକୁ ବ୍ୟବହାର କରାଯାଇପାରେ ।

- ଚୋବାଇ ଖାଇଲେ ଏହା କ୍ଷୁଧାବର୍ଦ୍ଧକ ଭାବେ କାର୍ଯ୍ୟକରିଥାଏ ।
- ପ୍ରଲେପ ଆକାରରେ ବ୍ୟବହୃତ ହେଲେ ଏହା ରେଚକ ଭାବେ କାର୍ଯ୍ୟକରେ
- ପାଣିରେ ଫୁଟାଇଲେ ଏହା ନାଳଝାଡା ନିମନ୍ତେ ଉପକାରୀ ହୋଇଥାଏ
- ଭାଜିଦେଲେ ଏହା ବାତ, ପିତ୍ତ, କଫ ତ୍ରିଦୋଷ ନାଶକାରୀ ହୋଇଥାଏ
- ଖାଦ୍ୟ ସହ ଖାଇଲେ, ସ୍ମରଣ ଶକ୍ତି ବୃଦ୍ଧି, ସ୍ନାୟୁ ଶକ୍ତି ବର୍ଦ୍ଧକ ଏବଂ ରେଚକ ଭାବେ କାର୍ଯ୍ୟ କରିଥାଏ
- ଲୁଣ ସହ ଖାଇଲେ ଏହା କଫନାଶକାରକ କାର୍ଯ୍ୟ କରିଥାଏ
- ଚିନି ସହ ଖାଇଲେ ଏହା ପିତ୍ତ ନାଶକରେ
- ଘିଅ ସହ ମିଶାଇ ଖାଇଲେ ବାତ ରୋଗ ନିମନ୍ତେ ଉପକାରୀ ହୋଇଥାଏ
- ହରିଡା, ବାହାଡା ଓ ଅଁଳାର ୧୫ ଗ୍ରାମ ଶୁଖିଲା ଚୂର୍ଣ୍ଣ ଗୋଟିଏ କପ ପାଣିରେ ଫୁଟାଇ ଅଧା କପ କରି ଏହାକୁ ଏକ ସଫା କନାରେ ଛାଣି ରଖାଯାଏ । ଏହି ଦ୍ରବଣକୁ ..
  - ଦିନକୁ ୫ ରୁ ୬ ଥର ଲଗାଇଲେ ଏହା ଆଖିରୁ ବାହାରୁଥିବା ଲୋଞ୍ଚରାକୁ ଭଲ କରିଥାଏ

- ଦିନକୁ ୩ ଥର ମହୁ ସହ ମିଶାଇ ଖାଇଲେ ଅମ୍ଳ ରୋଗ ଭଲ ହୋଇଥାଏ
- ଶୋଇବା ପୂର୍ବରୁ ଗରମ ପାଣିସହ ଏହି ଦ୍ରବଣର ୩ ଚାମଚ ଖାଇଲେ କୋଷ୍ଠବଦ୍ଧତା ଦୂର ହୁଏ

## ଚାଷ ଓ ଚାଷ ପ୍ରଣାଳୀ

*ମାଟି*

ଏହି ଗଛ ପଥୁରିଆ, ବାଲିଆ, କାଦୁଆ, ଦୋରସା ଇତ୍ୟାଦି ସବୁ ପ୍ରକାରର ମାଟିରେ ବଢ଼ିପାରେ । ଏହା ଗାଙ୍ଗେୟ ସମତଳ ଅଞ୍ଚଳର ଉର୍ବର ମାଟିଠାରୁ ଆରମ୍ଭ କରି ହିମାଳୟ ପାଦଦେଶରେ ଥିବା ପଥୁରିଆ ମାଟିରେ ମଧ୍ୟ ଦେଖାଯାଏ । ହିମାଚଳ ପ୍ରଦେଶର କାଙ୍ଗ୍ରା ଉପତ୍ୟକାରେ ଏହି ଗଛଗୁଡ଼ିକ ଭଲ ବଢ଼ିବା ସଙ୍ଗେ ସଙ୍ଗେ ଭଲ ଫଳ ମଧ୍ୟ ଦେଇଥାଏ ।

*ଜଳବାୟୁ*

୫୦୦ ରୁ ୩୩୦୦ ମିଲିମିଟର ବର୍ଷାରେ ଏହି ଗଛ ବଢ଼ିପାରେ, କିନ୍ତୁ ୧୦୦୦ ରୁ ୧୫୦୦ ମିଲିମିଟର ବର୍ଷା ହେଉଥିବା ଅଞ୍ଚଳ ଏହି ଗଛର ବୃଦ୍ଧି ନିମନ୍ତେ ସର୍ବୋତ୍କୃଷ୍ଟ । ସାଧାରଣତଃ ଜାନୁଆରୀ ମାସରେ ୫୦ ରୁ ୧୦୦ ପ୍ରତିଶତ ବାୟୁମଣ୍ଡଳୀୟ ଆର୍ଦ୍ରତା ଏହି ଗଛ ନିମନ୍ତେ ଅନୁକୂଳ ହୋଇଥାଏ । ହରିଡା ଫସଲ ସକାଶେ ସର୍ବନିମ୍ନ ଉତ୍ତାପ ୦ ଡିଗ୍ରୀ ରୁ ୧୭.୫ ଡିଗ୍ରୀ ସେଲ୍‌ସିୟସ୍ ଓ ସର୍ବୋଚ୍ଚ ଉତ୍ତାପ ୩୫ ରୁ ୪୭.୫ ଡିଗ୍ରୀ ସେଲସିୟସ୍ ହେବା ଆବଶ୍ୟକ ।

ଏହି ଗଛ ଖୁବ୍ ଧୀରେ ଧୀରେ ବଢୁଥିବାରୁ ଚାଷୀ ଏହାକୁ ଚାଷ କରିବାକୁ ଆଗେଇ ଆସନ୍ତି ନାହିଁ । ଯଦି ହରିଡା ଗଛର ବଢ଼ିବାକୁ କୌଣସି ଉପାୟରେ ସହଜ କରାଯାଇ ପାରନ୍ତା ତେବେ ଏହା ଚାଷୋପଯୋଗୀ ହୋଇପାରନ୍ତା । ତେବେ ଦେଶର ବିଭିନ୍ନ ଅଞ୍ଚଳରେ ଟିସ୍ୟୁକଲ୍‌ଚର ଓ କଲମୀ ପ୍ରକ୍ରିୟାରେ ଏହାର ଚାଷ ହେଲାଣି ।

### ବଂଶବୃଦ୍ଧି

*ପ୍ରାକୃତିକ ଉପାୟରେ*

ସାଧାରଣତଃ ମଞ୍ଜି ଦ୍ୱାରା ହରିଡାର ବଂଶବୃଦ୍ଧି ହୋଇଥାଏ । ଏହାର ମଞ୍ଜିକୁ ମୂଷା ଓ ଗୁଣ୍ଡୁଚିମୂଷା ଆଦି ଅନେକ ସମୟରେ ଖାଇ ନଷ୍ଟ କରିଦିଅନ୍ତି । ଖୋଲାରେ ପଡିଥିବା ମଞ୍ଜି ଅପେକ୍ଷା ମାଟି କିମ୍ବା ଆବର୍ଜନାରେ ପୋତି ହୋଇଯାଇଥିବା ମଞ୍ଜିର ଅଙ୍କୁରୋଦ୍‌ଗମ ଶୀଘ୍ର ହୋଇଥାଏ । ସାଧାରଣଭାବେ ବର୍ଷା ଦିନେ ଏହି ମଞ୍ଜିରୁ ଅଙ୍କୁରୋଦଗମ ହୋଇଥାଏ । ପ୍ରାକୃତିକ ଉପାୟରେ



ବଂଶବୃଦ୍ଧି ନିମନ୍ତେ ଜମିରେ ପାଣି ଜମି ନ ରହି ଗଡିଯିବା ଭଲ । ବର୍ଷା ସମୟରେ ମଞ୍ଜି ଭଲ ଗଜା ହୁଏ ନାହିଁ, କିନ୍ତୁ ଅଧିକ ଓ ଲଗାତାର ବର୍ଷା ଗଜାକୁ ନଷ୍ଟ କରିଦିଏ ।

*କୃତ୍ରିମ ଉପାୟରେ*

ନିମ୍ନୋକ୍ତ ପ୍ରଣାଳୀରେ ଏହି ଗଛକୁ ଜମିରେ ଉତରା ଯାଇପାରେ ।

(କ) ମଞ୍ଜି ବୁଣିବା ଦ୍ୱାରା
(ଖ) ଚାରା ଲଗାଇବା ଦ୍ୱାରା
(ଗ) ଚେର ଏବଂ ଡାଳକୁ କଲମି କରି

ମଞ୍ଜିରେ ଥିବା ଚୋପାଟି ମୋଟା ହୋଇଥିବାରୁ ଏହା ଗଜା ହେବାକୁ ଅଧିକ ସମୟ ନିଏ । ଏଣୁ ମଞ୍ଜିରୁ ଭଲ ଗଛ ଉଭାରିବା ନିମନ୍ତେ ଫରମେଣ୍ଟେସନ ଦ୍ୱାରା ପ୍ରସ୍ତୁତ ମଞ୍ଜି ଆବଶ୍ୟକ ହୋଇଥାଏ । ଏଣୁ କୃତ୍ରିମ ଉପାୟରେ ଏହି ଗଛକୁ ଉଭାରିବାର ଉଦ୍ୟମ ହେଲେ ଏହାର ବଂଶବୃଦ୍ଧିରେ ସହାୟକ ହେବ । ମଞ୍ଜିଗୁଡ଼ିକୁ ଏପରି ପ୍ରକ୍ରିୟାକରଣ କରାଯିବା ଉଚିତ୍ ଯେପରିକି ଭ୍ରୁଣକୁ କୌଣସି କ୍ଷତି ପହଞ୍ଚିବ ନାହିଁ । ତା'ପରେ ଏହାକୁ ୩୬ ଘଣ୍ଟା ପର୍ଯ୍ୟନ୍ତ ଥଣ୍ଡା ପାଣିରେ ବୁଡାଯାଏ ଏବଂ ଗୋଟିଏ ପଟାଳିରେ ମଞ୍ଜିକୁ ବୁଣି ଦିଆଯାଏ । ଏହି ପଟାଳିଟି ସଂପୂର୍ଣ୍ଣ ଛାଇରେ ରହିବା ଆବଶ୍ୟକ । ୧୫ ଦିନ ମଧ୍ୟରେ ଗଜା ବାହାରି ୩ ରୁ ୪ ସପ୍ତାହ ମଧ୍ୟରେ ଚାରା ପ୍ରସ୍ତୁତ ହୋଇଥାଏ । ଏହି ପ୍ରକ୍ରିୟାରେ ୮୦ ପ୍ରତିଶତ ଅଙ୍କୁରୋଦ୍‌ଗମ ହୋଇଥାଏ ।

ମଞ୍ଜି ବୁଣିବା ପ୍ରକ୍ରିୟା ଅପେକ୍ଷା ଡାଳ ଓ ଚେରର କଲମୀ ଦ୍ୱାରା ଭଲ ଗଛ ହୋଇଥାଏ । କାରଣ କଲମୀ ପ୍ରକ୍ରିୟାରେ ଅପେକ୍ଷାକୃତ କମ୍ ସମୟରେ ଚାରାଟି ଉତୁରିଥାଏ । ସହଳ ବୃଦ୍ଧି ଓ ଚଞ୍ଚଳ ଫଳ ଆସିବା ନିମନ୍ତେ ଚାରା ଉଭାରିବା ସକାଶେ ପରୀକ୍ଷା ନିରୀକ୍ଷା ଜାରି ରହିଛି । ଫଳର ଆକାର ବଡ ହେବା ନିମନ୍ତେ ମଧ୍ୟ ସମି ଜାତୀୟ ଗଛ ସହିତ ଶଙ୍କର ଗଛ ତିଆରି କରିବା ଉପରେ ବ୍ୟବହାର ଉପରେ ଧ୍ୟାନ ଦିଆଯାଉଛି ।

### ମଞ୍ଜି

ଏକ କିଲୋଗ୍ରାମ ଓଜନରେ ହାରାହାରି ୧୮୦ଟି ମଞ୍ଜି ଉଠିଥାଏ । ହରିଡା ମଞ୍ଜି ୬ ରୁ ୮ ମାସ ପର୍ଯ୍ୟନ୍ତ ସତେଜ ରହେ । ୧୦୦୦ଟି ଗଛର ଚାରା ଉଭାରିବା ନିମନ୍ତେ ହାରାହାରି ୧୦ କିଲୋଗ୍ରାମ ୬୩୮ ଗ୍ରାମ ମଞ୍ଜି ଦରକାର ହୋଇଥାଏ । ଭଲ ମଞ୍ଜିରୁ ୬୦ ରୁ ୮୦ ପ୍ରତିଶତ ଗଛ ହୋଇଥାଏ । ଏହା ଅଙ୍କୁରୋଦ୍‌ଗମ ନିମନ୍ତେ ପ୍ରାୟ ୯୦ ଦିନ ସମୟ ନେଇଥାଏ । ସାଧାରଣତଃ ଜୁନ୍‌ରୁ ଜୁଲାଇ ମାସରେ ମଞ୍ଜି ବୁଣା ଯାଇଥିଲେ ପରବର୍ଷ ଜୁଲାଇ ମାସରେ ଗଛ ଲଗାଇବା ଉପଯୋଗୀ ହୁଏ ।

## ଚାଷପ୍ରଣାଳୀ

ହରିଡା ଗଛ ବଢ଼ିବା ନିମନ୍ତେ ପ୍ରଚୁର ସୂର୍ଯ୍ୟକିରଣ ଆବଶ୍ୟକ କରିଥାଏ । ଛାଇରେ ଏହା ବଢ଼ିପାରେ ନାହିଁ । ଛୋଟ ଗଛଗୁଡ଼ିକୁ କିଛିଦିନ ଛାଇରେ ରଖା ଯାଇପାରେ । ଏହାଦ୍ୱାରା ପ୍ରଖର ସୂର୍ଯ୍ୟତାପ ବେଳେ କଅଁଳ ଚାରକୁ କ୍ଷତି ପହଞ୍ଚାଇ ପାରେ ନାହିଁ । ଯଦିଓ ଆର୍ଦ୍ର ଅଞ୍ଚଳରେ ଏହି ଗଛ ଭଲ ବଢ଼େ, ଶୁଖିଲା ଅଞ୍ଚଳରେ ମଧ୍ୟ ଏହା ବଢ଼ିପାରେ । ଏହା ତୁଷାରପାତ ହେଉଥିବା ଅଞ୍ଚଳ ଏବଂ ମରୁଡ଼ି ପ୍ରପୀଡ଼ିତ ଅଞ୍ଚଳରେ ମଧ୍ୟ ବଞ୍ଚିଥାଏ । ଯେଉଁଠାରେ ଗୋଟିଏ ଗୋଟିଏ ହରିଡାଗଛ ଅଛି ସେହି ଗଛରୁ ଉତ୍ପାଦନ ଜଙ୍ଗଲରେ ଥିବା ଗଛଠାରୁ ବେଶୀ ହୁଏ । ଅଧିକ ଅମଳ ନିମନ୍ତେ ହରିଡା ଗଛ ଚାରିପଟେ ଥିବା ଅନାବଶ୍ୟକ ଗଛଗୁଡ଼ିକୁ କାଟି ଦେବା ଭଲ ।

## ସୁରକ୍ଷା

ଗୁଣ୍ଡୁଚିମୂଷା, ମୂଷା, ଠେକୁଆ ଓ ମୟୂର ଜାତୀୟ ପ୍ରାଣୀମାନେ ହରିଡା ଫଳକୁ ଖାଇ ଯାଆନ୍ତି । ମୂଷା ଜାତୀୟ ପ୍ରାଣୀମାନେ ଏହାର ଚାରାଗୁଡ଼ିକୁ ନଷ୍ଟ କରିଦିଅନ୍ତି । ଏହା ଛଡ଼ା କେତେକ କୀଟ ଏହାର ପତ୍ରକୁ ଖାଇ ଯାଆନ୍ତି । ପତ୍ରରେ ଚିହ୍ନ ହେବା ଓ ପତ୍ର ନଷ୍ଟ ମଧ୍ୟ ଭୂତାଣୁ ଯୋଗୁଁ ହୋଇଥାଏ ।

## ବୃଦ୍ଧି ପରିମାପ

ଏହି ଗଛ ବହୁତ ଧିରେ ଧିରେ ବଢ଼େ । ଏହାର ଗୋଲେଇର ବୃଦ୍ଧି ମଧ୍ୟ ସୀମିତ । ଏହି ଗଛର ଗୋଲେଇ ବାର୍ଷିକ ୧.୩ ସେ.ମି.ରୁ ୪.୧ ସେ.ମି. ପର୍ଯ୍ୟନ୍ତ ବଢ଼ିଥାଏ ।

## ଉତ୍ପାଦନ

ଗୋଟିଏ ହରିଡା ଗଛରୁ ବାର୍ଷିକ କେତେ ହରିଡା ଉତ୍ପାଦନ ହୁଏ, ସେ ସଂପର୍କିତ ତଥ୍ୟ ଏ ପର୍ଯ୍ୟନ୍ତ ସଠିକ୍ ଭାବରେ ଆକଳନ କରାଯାଇନାହିଁ ।

## ଅମଳ ପ୍ରଣାଳୀ

*ସଂଗ୍ରହ ସମୟ ଓ ପ୍ରଣାଳୀ*

ଜାନୁଆରୀରୁ ମାର୍ଚ୍ଚ ହରିଡାର ଫଳ ସଂଗ୍ରହ ନିମନ୍ତେ ପ୍ରକୃଷ୍ଟ ସମୟ । ଜାନୁଆରୀ ମାସର ପ୍ରଥମାର୍ଦ୍ଧରୁ ଫଳ ସଂଗ୍ରହ ଆରମ୍ଭ ହୁଏ । ଜାନୁଆରୀ ମାସରେ ସଂଗୃହୀତ ହରିଡାରେ ଟାନିନ୍ ପରିମାଣ ଅଧିକ ଥାଏ । ଜାନୁଆରୀ ମାସ ପୂର୍ବରୁ ଓ ପରେ ସଂଗୃହିତ ହୋଇଥିବା ହରିଡାରେ ଟାନିନ୍ ପରିମାଣ କମ୍ଥାଏ । କିନ୍ତୁ କେତେକ ସ୍ଥାନରେ ଏହାର ସଂଗ୍ରହ ଡିସେମ୍ବର ମାସରୁ ଆରମ୍ଭ ହୋଇ ମାର୍ଚ୍ଚ ମାସ ଶେଷ ପର୍ଯ୍ୟନ୍ତ ଚାଲେ । ଭଲ ହରିଡାରେ ହାରାହାରି ୩୨ ପ୍ରତିଶତ



ଟାନିନ୍ ମହଜୁଦ ଥିଲାବେଳେ, ସାଧାରଣଭାବେ ହରିଡାରେ ଏହା ୧୨ ରୁ ୪୯ ପ୍ରତିଶତ ମଧ୍ୟରେ ରହିଥାଏ । ହରିଡା ସଂଗ୍ରହ କରାଯିବା ବେଳେ ଏହା କେତେ ପରିପକ୍ୱ ତାହା ଦେଖାଯିବା ଆବଶ୍ୟକ । ନଚେତ ଏହାର ଚମଡା କଷାଇବା ଗୁଣ କମ୍ ବେଶୀ ହୋଇଥାଏ । ତେବେ ସଂଗ୍ରହ କରିବା ନିମନ୍ତେ ହରିଡା ଠିକ୍ କେତେ ପରିପକ୍ୱ ହୋଇଥିବା ଆବଶ୍ୟକ ସେ ସଂପର୍କରେ ଏ ପର୍ଯ୍ୟନ୍ତ କୌଣସ ନିର୍ଭରଯୋଗ୍ୟ ତଥ୍ୟ ନାହିଁ ।

ସଂଗୃହୀତ ହରିଡାକୁ ସଙ୍ଗେ ସଙ୍ଗେ ଶୁଖାଇ ରଖିଲେ ଏହା ଈଷତ୍ ହଳଦିଆ ରଙ୍ଗର ହୋଇଥାଏ ଓ ବେଶୀ ପଇସାରେ ବିକ୍ରୀ ହୁଏ । ଯଦି ଏହା ବେଶୀ ଦିନ ପର୍ଯ୍ୟନ୍ତ ମାଟିରେ ପଡ଼ିରହେ, ତେବେ କଳା ପଡ଼ିଯାଏ ଏବଂ ଖରାପ ହୋଇଯାଏ । ଏହି ହରିଡାରେ ଟାନିନ୍ ପରିମାଣ ଖୁବ୍ କମ୍ଥାଏ ।

## ହରିଡାର ଶ୍ରେଣୀବିଭାଗ

ହରିଡା ଫଳ ପାଚିଗଲା ପରେ ମାଟିରେ ଝଡ଼ିପଡ଼େ । ଏହାକୁ ସଂଗ୍ରହ କରି ପତଳା ଭାବରେ ଶୁଖାଇ ଦିଆଯାଏ । ବ୍ୟବସାୟୀକ ଚାହିଦାକୁ ବିଚାର କରି ହରିଡାକୁ ଭିନ୍ନ ଭିନ୍ନ ସମୟରେ ସଂଗ୍ରହ ଓ ପ୍ରକ୍ରିୟାକରଣ କରାଯାଏ । ସାଧାରଣତଃ, ହରିଡାକୁ ତିନୋଟି ଶ୍ରେଣୀରେ ବିଭକ୍ତ କରାଯାଏ, ଯଥା:

### ବାଲ /ଛୋଟ/ ଜଓ୍ୱା ହରିଡା

ଏହା ସାଧାରଣତଃ ଜାନୁଆରୀ ମାସରେ ସଂଗ୍ରହ ହୁଏ । ଏହି ହରିଡା ମୁଖ୍ୟତଃ ଆର୍ଯୁବେଦ ଔଷଧରେ ବ୍ୟବହୃତ ହୁଏ । ଏହାର ମୂଲ୍ୟ କିଲୋ ପ୍ରତି ପ୍ରାୟ ୪୦ ଟଙ୍କା ହୋଇଥାଏ । ଏହି ପ୍ରକାରର ହରିଡା ପରିପକ୍ୱ ହେବା ପୂର୍ବରୁ ସଂଗ୍ରହ କରାଯାଏ । କାରଣ ଏଥିରେ ଔଷଧୀୟ ଗୁଣ ଅଧିକ ମାତ୍ରାରେ ଥାଏ । କିନ୍ତୁ ଏହି ସମୟରେ ଅମଳ କଲେ ଏହା ବେଶୀଦିନ ପର୍ଯ୍ୟନ୍ତ ରହିପାରେ ନାହିଁ । ଏହା ଭଲ ପଇସା ଦେଉଥିବାରୁ ପ୍ରାଥମିକ ସଂଗ୍ରହ କାରୀମାନେ ଏହାକୁ ସଂଗ୍ରହ କରିଥାଆନ୍ତି । ବାଲ୍ ହରିଡାର ବ୍ୟବସାୟ ଅମ୍ବିକାପୁରରେ (ଛତିଶଗଡ଼) ବହୁଳମାତ୍ରାରେ ହୁଏ । ଓଡ଼ିଶାରେ ଏହାର କାରବାର ବେଶି ହୁଏନାହିଁ ।

### ବଡ ହରିଡା

ଏଥି ପାଇଁ ପରିପକ୍ୱ ହରିଡା ସଂଗ୍ରହ କରାଯାଇଥାଏ । ଏହି ହରିଡା ସାଧାରଣତଃ ଟ୍ୟାନେରୀରେ ଚମଡା କଷାଇବା ନିମନ୍ତେ ବ୍ୟବହୃତ ହୋଇଥାଏ ଏବଂ ଏହାର ମୂଲ୍ୟମଧ୍ୟ କମ୍ । ଏହାର ଔଷଧୀୟ ଗୁଣ କମ୍ ହୋଇଥିବାରୁ ଆର୍ଯୁବେଦରେ ଏହା କମ୍ ବ୍ୟବହୃତ ହୋଇଥାଏ । ଏହାର

କିଲୋପିଛା ହାରାହାରି ମୂଲ୍ୟ ୩ଟଙ୍କା । ଏହି ହରିଡାକୁ ଫେବୃଆରୀ ମାସରେ ସଂଗ୍ରହ କରିବା ଭଲ । ଚମଡା କଷାଇବା ନିମନ୍ତେ ବ୍ୟବହାର କରାଯାଉଥିବାରୁ ଏହି ହରିଡାର ଚାହିଦା ଆସ୍ତେ ଆସ୍ତେ କମିଯାଉଛି ।

## କଚେରିଆ

ବଡ ହରିଡାର ଛଡା ଯାଇଥିବା ଶସକୁ କଚେରିଆ କୁହାଯାଏ । କଚେରିଆର ଓଜନ କମ୍ ହୋଇଥିବାରୁ ପରିବହନ ଦୃଷ୍ଟିରୁ ଗୋଟା ହରିଡା ତୁଳନାରେ ଏହାକୁ ପ୍ରାଧାନ୍ୟ ଦିଆଯାଏ । ୧୦୦ କିଲୋଗ୍ରାମ ହରିଡାରୁ ୬୦ କିଲୋଗ୍ରାମ କଚେରିଆ ବାହାରେ । ଏହାର ହାରାହାରି ମୂଲ୍ୟ କିଲୋପ୍ରତି ୧୦ ଟଙ୍କା ହୋଇଥାଏ ।

ବିଭିନ୍ନ ବାଣିଜ୍ୟିକ ନାମ ଅନୁସାରେ ହରିଡାର ଶ୍ରେଣୀବିଭାଗ କରାଯାଏ । ଶ୍ରେଣୀ ବିଭାଗ ବେଳେ ଖରାପ ଫଳଗୁଡିକୁ ଅଲଗା କରିଦିଆଯାଏ ଏବଂ ଭଲ ଫଳଗୁଡିକୁ ପ୍ରଥମ ଶ୍ରେଣୀ ଭାବେ ରଖାଯାଏ । ଏହି ଫଳଗୁଡିକୁ ସୂର୍ଯ୍ୟ କିରଣରେ ଶୁଖାଗଲା ପରେ ଠିକ୍ ଜାଗାରେ ସଂରକ୍ଷିତ କରାଯାଏ ନଚେତ ଫଳଗୁଡିକ ପଚିଯିବାର ଭୟ ଥାଏ । ପ୍ରାୟତଃ କଟା ହୋଇଥିବା ହରିଡାର ବ୍ୟବସାୟ କରାଯାଏ । ଏହି କାର୍ଯ୍ୟ କାରଖାନାରେ ହେବାପରେ ୫୦ ରୁ ୬୦ ପ୍ରତିଶତ ଟାନିନ୍ଥିବା ହରିଡାକୁ କଠିନ ମୁଣ୍ଡା କରି ରପ୍ତାନୀ ଯୋଗ୍ୟ କରାଯାଇଥାଏ । ୩୦ ରୁ ୩୫ ପ୍ରତିଶତ ଟାନିନ୍ ଥିବା ହରିଡା ମଦ ଉତ୍ପାଦନ ପାଇଁ ମଧ୍ୟ ବ୍ୟବହୃତ ହୋଇଥାଏ ।

ହରିଡାକୁ ଏହାର ଆକାର, ରଙ୍ଗ, କଠିନତା ଓ କୀଟ ପ୍ରଭାବରୁ ଏହା କେତେଦୂର ମୁକ୍ତ ଇତ୍ୟାଦି ବିଷୟ ବିଚାରକୁ ନେଇ ଶ୍ରେଣୀବିଭାଗ କରାଯାଏ । ଅଧିକାଂଶ ହରିଡାକୁ ଏହାର ସଂଗ୍ରହ ସ୍ଥାନ ଅନୁସାରେ ଶ୍ରେଣୀବିଭାଗ କରାଯାଏ । ହରିଡା ଯେଉଁ ସ୍ଥାନରୁ ଚାଲାଣ ହେଉଛି ସେହି ସ୍ଥାନର ନାମ ଅନୁସାରେ ଏହାର ନାମ କରଣ କରାଯାଇଛି ।

<u>ଉତ୍ପତ୍ତିସ୍ଥଳ ଭିତ୍ତିରେ ଚାରି ପ୍ରକାରର ପ୍ରମୁଖ ଶ୍ରେଣୀର ହରିଡା ହେଲା</u>

୧ ମଧ୍ୟପ୍ରଦେଶରୁ ଓ ଆଂଶିକ ଓଡିଶାରୁ ଆସୁଥିବା ଜବଲପୁର ଶ୍ରେଣୀ
୨ ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁରୁ ମିଳୁଥିବା ଭିମଲିପଟ୍ଟନମ୍ ଶ୍ରେଣୀ
୩ ମହାରାଷ୍ଟ୍ରର କୋହ୍ଲାପୁର ଓ ଅନ୍ୟ ଜାଗାରୁ ଆସୁଥିବା ରାଜପୋରେ ବା ବମ୍ବେ ଶ୍ରେଣୀ
୪ – ତାମିଲନାଡୁରୁ ମିଳୁଥିବା ସାଲେମ ବା ମାଡ୍ରାସ ଶ୍ରେଣୀ



### ବ୍ୟବସାୟିକ ଶ୍ରେଣୀ ବିଭାଗ

| ବାଣିଜ୍ୟିକ ନାମ | ଶ୍ରେଣୀ | ରଙ୍ଗ | ସାଧାରଣ ଲକ୍ଷଣ |
|---|---|---|---|
| ଜବଲପୁର-୧ | ଜେ-୧ | ଇଷତ୍ ହଳଦିଆ ହଳଦିଆ ବାଦାମି | କୀଟ ଆକ୍ରାନ୍ତ ହୋଇନଥିବା ମଜ୍‌ବୁତ୍ ଫଳ |
| ଜେନ୍ୟୁଇନ୍ ଜବଲପୁର | ଜି.ଜେ | ଇଷତ୍ ହଳଦିଆ ବାଦାମୀରୁ ଗାଢ ବାଦାମି | କୀଟ ଆକ୍ରାନ୍ତ ହୋଇନଥିବା ମଜବୁତ୍ ଫଳ |
| ଜବଲପୁର- ୨ | ଜେ-୨ | ଗାଢ ବାଦାମୀରୁ କଳା | ୨୫ ପ୍ରତିଶତ ଫମ୍ପା ଫଳ |
| ଭିମିଲିକ୍ସ ଫିନ୍ | ବିଏଫ୍ | ସବୁଜରୁ ହଳଦିଆ | କୀଟ ଆକ୍ରାନ୍ତ ହୋଇ ନଥିବା ମଜ୍‌ବୁତ ଫଳ |
| ଭିମିଲିକ୍ସ ନଂ୧ | ବି –୧ | ବାଦାମୀରୁ କଳା | କୀଟ ଆକ୍ରାନ୍ତ ହୋଇ ନଥିବା ମଜ୍‌ବୁତ ଫଳ |
| ଭିମିଲିକ୍ସ ଆଭରେଜ୍ | ବି –୧ | ବାଦାମୀରୁ କଳା | ୨ ପ୍ରତିଶତ ବାହ୍ୟବସ୍ତୁ ୩୦ପ୍ରତିଶତ ଫମ୍ପାଫଳ ଓ ୧୦ ପ୍ରତିଶତ ଭଙ୍ଗା ଫଳ |
| ରାତପୋରେ –୧ | ଆର –୧ | ବାଦାମୀରୁ ବାଦାମୀ କଳାରଙ୍ଗ | ୬ ପ୍ରତିଶତ ବାହ୍ୟବସ୍ତୁ, ଅତିବେଶିରେ ୧୫ ପ୍ରତିଶତ ଖରାପ ଓ ଫମ୍ପା ଫଳ ଥାଏ |
| ବମ୍ବେ | ବି.ଜେ.୧ | କଳା | ଅତିବେଶିରେ ୩୦ ପ୍ରତିଶତ ଖରାପ ଓ ଫମ୍ପା ଫଳ ଥାଏ |

କଚେରିଆ ସକାଶେ ଏକ ଭିନ୍ନ ଶ୍ରେଣୀ ବିଭାଗ ପଦ୍ଧତି ଅବଲମ୍ବନ କରାଯାଏ । ଜାତୀୟ ଓ ଆର୍ନ୍ତଜାତୀୟ ବଜାରରେ ଭଙ୍ଗା ଯାଇଥିବା ହରିଡା(କଚେରିଆ)ର ଚାହିଦା ବହୁତ ବେଶି । ଏହି ଭଙ୍ଗା ଯାଇଥିବା ହରିଡାର ବିଭିନ୍ନ ପ୍ରକାରଭେଦ ନିମ୍ନରେ ଦର୍ଶାଯାଇଛି :

| ବାଣିଜ୍ୟିକ ନାମ | ପ୍ରକାର | ସାଧାରଣ ଲକ୍ଷଣ |
|---|---|---|
| କ୍ରସଡ୍ ସ୍ପେଶିଆଲ | ସି ଏସ୍ ୧ | ଏହା ଜେ-୧ ମାନର ଫଳରୁ ତିଆରି । ଏଥିରେ ଧୂଳି ଏବଂ ମଞ୍ଜି ଯଥାକ୍ରମେ ଦେଢ ଓ ଏକ ପ୍ରତିଶତ ଥାଏ । |
| କ୍ରସଡ୍ ନମ୍ବର ୱାନ ଇଣ୍ଟରନ୍ୟାସନାଲ | ସିଆଇ –୧ | ଏହା ଜେ-୧ ଓ ଜିଜେ ପ୍ରକାର ଫଳରୁ ପ୍ରସ୍ତୁତ ହୁଏ । ଏଥିରେ ଧୂଳି ଓ ମଞ୍ଜି ପ୍ରାୟ ୩ ପ୍ରତିଶତ ଥାଏ । |
| କ୍ରସଡ୍ ନମ୍ବର ୱାନ | ସି ୧ | ଏହା ୭୦ ପ୍ରତିଶତ ଜିଜେ ଫଳରୁ ପ୍ରସ୍ତୁତ ହୁଏ । ଏଥିରେ ଗୁଣ୍ଡ ଓ ମଞ୍ଜି ପ୍ରାୟ ୪ ପ୍ରତିଶତ ଥାଏ । |
| କ୍ରସଡ୍ ଆଭରେଜ | ସିଏ | ଏଥିରେ ୬୦ ପ୍ରତିଶତ ଜେ-୨ ଓ ୪୦ ପ୍ରତିଶତ ଜିଜେ ଫଳ ବ୍ୟବହୃତ ହୋଇଥାଏ । ଏଥିରେ ୭ ପ୍ରତିଶତ ଗୁଣ୍ଡ ଓ ୪ ପ୍ରତିଶତ ମଞ୍ଜି ଥାଏ । |
| କ୍ରସଡ୍ ନମ୍ବର ଟୁ | ସି ୨ | ଏହା ବି –୧ ଓ ବି ଏ ପ୍ରକାର ଫଳରୁ ପ୍ରସ୍ତୁତ ଏବଂ ଏଥିରେ ୧୫ ପ୍ରତିଶତ ଗୁଣ୍ଡ ଥାଏ । |

ସ୍ଥଳବିଶେଷରେ ହାରାହାରି ଭଲମାନର ହରିଡା (୭୫% କଠିନ ଓ ୨୫% ଶୁଖିଲା ଓ ଫମ୍ପା) କୁ ବିନା ଶ୍ରେଣୀ ବିଭାଗରେ ମଧ୍ୟ ବିକ୍ରୟ କରାଯାଏ । ସୌଭାଗ୍ୟ ବଶତଃ ୧୯୬୨ ମସିହା ଶେଷ ଭାଗରେ ହରିଡାର ମାନ ନିର୍ଦ୍ଧାରଣ କରିବା ଜରୁରୀ ବୋଲି ଏକ ଯୋଜନା ପ୍ରଣୟନ କରାଯାଇଥିଲା । ୧୯୬୩- ୬୪ ମସିହାରେ ପ୍ରାୟ ୧୫୦୦୦ ଟନ୍ ହରିଡାକୁ ଶ୍ରେଣୀ ବିଭାଗ କରାଯାଇଥିଲା ।

## ପ୍ରକ୍ରିୟାକରଣ

ହରିଡାକୁ ବିକ୍ରୀଯୋଗ୍ୟ କରିବା ନିମନ୍ତେ ଶୁଖାଇବା ନିତାନ୍ତ ଜରୁରୀ । ଏଥି ସହିତ ଆଭ୍ୟନ୍ତରିଣ ବ୍ୟବହାର ଓ ରପ୍ତାନୀ ଯୋଗ୍ୟ କରିବା ନିମନ୍ତେ ପ୍ରସ୍ତୁତ ହରିଡାକୁ ସାଧାରଣତଃ ଅଧିକ ନଜର ଦିଆଯାଇଥାଏ, କାରଣ ଏହାଦ୍ୱାରା ବୈଦେଶିକ ମୁଦ୍ରା ବୃଦ୍ଧି ଜଡିତ ଥାଏ । ସାଧାରଣତଃ ହରିଡାକୁ ଖରାରେ ଶୁଖାଯାଏ । ଏହା ଶୁଖିବାକୁ ୩ ରୁ ୪ ସପ୍ତାହ ସମୟ ନିଏ । ଏଣୁ ଏଥି ନିମନ୍ତେ କେତେକ ଜାଗାରେ ଅସ୍ଥାୟୀ ଘର ସବୁ ଥାଏ ଯାହା ହରିଡାକୁ ବର୍ଷା ଦାଉରୁ ରକ୍ଷାକରେ । ବର୍ଷା ହରିଡାରେ ଥିବା ମୂଲ୍ୟବାନ ଟାନିନ୍ ଉପାଦନକୁ କ୍ଷତି ପହଞ୍ଚାଇଥାଏ ।

## ସଂରକ୍ଷଣ

ସାଧାରଣତଃ ହରିଡାକୁ ଗୁଣ୍ଡ କରିବା ସକାଶେ ଏକ କାଠ ବା କଂକ୍ରିଟ ଚୁଲାର ବ୍ୟବହାର କରାଯାଏ । ଏଥିରେ ତମ୍ବା ବା ପିତ୍ତଳ ଲଗା ଯାଇଥାଏ । ସେଥିରେ ହରିଡାକୁ ୭୦° ସେଣ୍ଟିଗ୍ରେଡ ଉତ୍ତାପରେ ପାଣି ସହ ଫୁଟାଯାଏ । ଏଥିରେ ଲୁହା ବ୍ୟବହାର ହୁଏ ନାହିଁ କାରଣ ରାସାୟନିକ ପ୍ରକ୍ରିୟାରେ ହରିଡାର ଟାନିନ୍ ଗୁଣମାନରେ କ୍ଷତି ଘଟେ । ଏହି ଉତ୍ପାଦକୁ ୧୫° ସେଣ୍ଟିଗ୍ରେଡ ଉତ୍ତାପରେ ଥଣ୍ଡା କରାଯାଏ । ଯାହାଫଳରେ ପୃଥକୀକରଣ ଜନିତ ଟାନିନ୍ କ୍ଷତିକୁ ଏଡାଇ ଦିଆଯାଇଥାଏ ।

## ବ୍ୟବସାୟିକ ନୀତି ନିୟମ

ହରିଡା ମଧ୍ୟପ୍ରଦେଶ ଓ ଛତିଶଗଡ ରାଜ୍ୟରେ ଏକ ଜାତୀୟକରଣ କରାଯାଇଥିବା ଉତ୍ପାଦ ଅଟେ । ଓଡିଶାରେ ଏହା ଲଘୁବନଜାତ ଦ୍ରବ୍ୟର ତାଲିକାରେ ଅନ୍ତର୍ଭୁକ୍ତ । ଏହି ଲଘୁ ବନଜାତ ଦ୍ରବ୍ୟଗୁଡ଼ିକର ମାଲିକାନାସତ୍ତ୍ୱ ଗ୍ରାମ ପଞ୍ଚାୟତକୁ ଦିଆଯାଇଛି । ପଞ୍ଚାୟତକୁ ଦିଆଯିବା ପୂର୍ବରୁ ହରିଡ଼ାର କିଣାବିକା କାରବାର ମୁଖ୍ୟତଃ ଟି.ଡ଼ି.ସି.ସି. ଦ୍ୱାରା କରାଯାଉଥିଲା । ଏଥି ସହିତ ଓ.ଏଫ୍.ଡ଼ି.ସି. ଏବଂ ଏ.ଏମ୍. ସି. ଏସ୍. ମଧ୍ୟ ହରିଡ଼ା କିଣାବିକାରେ ସାମିଲ ଥିଲେ । ଏଣୁ ଏହାର ବ୍ୟବସାୟ ନିମନ୍ତେ ପଞ୍ଚାୟତରେ ୧୦୦ ଟଙ୍କା ପଞ୍ଜିକରଣ ଫି ଦାଖଲ କରି ସେହି ପଞ୍ଚାୟତ ପରିସରରେ ବ୍ୟବସାୟ କରିହେବ । ଏହି ପଞ୍ଜିକରଣ ଏକ ବର୍ଷ ପର୍ଯ୍ୟନ୍ତ (ଅକ୍ଟୋବର



୧ ତାରିଖରୁ ପରବର୍ଷ ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ) କାଏମ ରହିବ । ଏହି ବ୍ୟବସାୟ ନିମନ୍ତେ କୌଣସି ପରିବହନ ପରମିଟ୍ ବା ରୟାଲଟି ଆବଶ୍ୟକ ନାହିଁ ।

## ହରିଡାର ବ୍ୟବସାୟ

ହରିଡା ମୁଖ୍ୟତଃ ପୂର୍ଣ୍ଣାଙ୍ଗ ଫଳ ଏବଂ ଭଙ୍ଗା ଯାଇଥିବା ଅବସ୍ଥାରେ ବିକ୍ରୟ ହୋଇଥାଏ । ଭଙ୍ଗାଯାଇଥିବା ହରିଡା ରପ୍ତାନୀ ନିମନ୍ତେ ବ୍ୟବହୃତ ହୋଇଥାଏ । ଭଙ୍ଗା ହରିଡାରେ ୪୫ ରୁ ୫୨ ପ୍ରତିଶତ ଟାନିନ୍ ଥାଏ । ଜବଲପୁରରେ ଭଙ୍ଗା ହରିଡା ବିକ୍ରୟ ହେଉଥିବା ବେଳେ ବମ୍ବେରେ ଏହା ଗୋଟା ବିକ୍ରୟ କରାଯାଇଥାଏ । ଏହା ଆଫଗାନିସ୍ଥାନ, ବଙ୍ଗଳାଦେଶ, ବ୍ରାଜିଲ୍, ଫ୍ରାନ୍ସ, ହଙ୍ଗକଙ୍ଗ, ଇଣ୍ଡୋନେସିଆ, ଜାପାନ, ଇଟାଲି, ମାଲେସିଆ, ଗ୍ରେଟବ୍ରିଟେନ ଓ ଆମେରିକା ଆଦି ଦେଶକୁ ରପ୍ତାନୀ ହୋଇଥାଏ ।

## ସଂଗ୍ରହ ଏବଂ ବିକ୍ରୟ ପରିମାଣ

ଗତ ଦଶ ବର୍ଷରେ ଛତିଶଗଡରେ ସଂଗ୍ରହ ଓ ବିକ୍ରୟ ହୋଇଥିବା ହରିଡାର ବିବରଣୀ

| ବର୍ଷ | ସଂଗ୍ରହ ପରିମାଣ (କ୍ୱିଣ୍ଟାଲରେ) | ବିକ୍ରୟ ପରିମାଣ (କ୍ୱିଣ୍ଟାଲ ରେ) |
|---|---|---|
| ୧୯୯୧-୯୨ | ୧୪୪୯୬୯ | ୧୪୨୦୭୬ |
| ୧୯୯୨-୯୩ | ୧୪୦୦୫୫ | ୧୩୬୫୫୪ |
| ୧୯୯୩-୯୪ | ୮୭୬୧୨ | ୮୪୫୮୭ |
| ୧୯୯୪-୯୫ | ୫୫୦୫୬ | ୫୩୯୮୮ |
| ୧୯୯୫-୯୬ | ୧୦୭୧୫୦ | ୧୦୫୯୧୬ |
| ୧୯୯୬-୯୭ | ୯୨୨୩୪ | ୯୦୫୩୨ |
| ୧୯୯୭-୯୮ | ୨୫୭୫୩ | ୨୫୬୭୮ |
| ୧୯୯୮-୯୯ | ୫୫୪୩୦ | ୫୨୦୮୩ |
| ୧୯୯୯-୦୦ | ୪୭୯୯୩ | ୪୭୦୭୬ |
| ୨୦୦୦-୦୧ | ୪୨୨୧୬ | ୩୫୯୫୧ |

## ବିଭିନ୍ନ ବର୍ଷରେ ଓଡିଶା ଓ ଛତିଶଗଡରେ ସଂଗୃହିତ ହରିଡାର ପରିମାଣ (କ୍ୱିଣ୍ଟାଲରେ)

| ବର୍ଷ | ଓଡିଶା | ଛତିଶଗଡ |
|---|---|---|
| ୧୯୯୨-୯୩ | ୭୭୧୬ | ୧୪୦୦୫୫ |
| ୧୯୯୩-୯୪ | ୪୬୭୪ | ୮୭୬୧୨ |
| ୧୯୯୪-୯୫ | ୧୧୪୭୪ | ୫୫୦୫୬ |
| ୧୯୯୫-୯୬ | ୨୦୨୬୬ | ୧୦୭୧୫୦ |
| ୧୯୯୬-୯୭ | ୧୦୧୪୮ | ୯୨୨୩୪ |
| ୧୯୯୭-୯୮ | -- | ୨୫୭୫୩ |
| ୧୯୯୮-୯୯ | -- | ୫୫୪୩୦ |
| ୧୯୯୯-୦୦ | ୨୪୦ | ୪୭୯୯୩ |
| ୨୦୦୦-୦୧ | ୯୮୪ | ୪୨୨୧୬ |
| ୨୦୦୧-୦୨ | -- | ୬୦୯୭୧ |

## ହରିଡା ରପ୍ତାନୀର ତଥ୍ୟ

| ବର୍ଷ | ପରିମାଣ(କ୍ୱିଣ୍ଟାଲ) | ମୂଲ୍ୟ (ଲକ୍ଷରେ) |
|---|---|---|
| ୧୯୯୧-୯୨ | ୫୪୦.୬୨ | ୧୨୨.୦୨ |
| ୧୯୯୨-୯୩ | ୯୭୫.୫୨ | ୨୪୨.୦୫ |
| ୧୯୯୩-୯୪ | ୮୬୭.୯୧ | ୨୧୮.୨୨ |
| ୧୯୯୪-୯୫ | ୧୩୭୪.୩୯ | ୩୨୪.୦୮ |
| ୧୯୯୫-୯୬ | ୧୧୧୦.୦୫ | ୨୮୩.୯୦ |
| ୧୯୯୬-୯୭ | ୧୩୭୪.୩୯ | ୩୨୪.୦୮ |
| ୧୯୯୭-୯୮ | -- | -- |
| ୧୯୯୮-୯୯ | -- | -- |
| ୧୯୯୯-୨୦୦୦ | ୧୦୭୭.୮୪ | ୩୪୮.୩୦ |



## ବାଲ/ଛୋଟ ହରିଡା ବ୍ୟବସାୟ ଧାରା

ପ୍ରାଥମିକ ସଂଗ୍ରହକାରୀ : ଗ୍ରାମସ୍ତରରେ କିଲୋପିଛା ୫ ଟଙ୍କାରେ ବିକ୍ରୟ କରେ

↓

କ୍ଷୁଦ୍ରବ୍ୟବସାୟୀ : ଶୁଖିଲା ହରିଡା ସଂଗ୍ରହ କରେ । ଔଷଧ କମ୍ପାନୀମାନଙ୍କୁ ଯୋଗାଯୋଗ କରି/ସ୍ଥଳ ବିଶେଷରେ ବଡ ବ୍ୟବସାୟୀଙ୍କୁ ମଧ ନିଜର ଲାଭ ରଖି ବିକ୍ରୟ କରିଥାଏ । ଏମାନେ ମଧ ସଂଗ୍ରହ ନିମନ୍ତେ ଏଜେଣ୍ଟ ନିଯୁକ୍ତ କରିଥାଆନ୍ତି ।

↓

ବଡ ବ୍ୟବସାୟୀ:- ଅମ୍ବିକାପୁର, ଧମତରୀ ଓ ରାୟପୁର ଆଦିରେ ଥିବା ବଡ ବ୍ୟବସାୟୀମାନେ ଅଧିକ ଲାଭ ରଖି ଏହାକୁ ଔଷଧ କମ୍ପାନୀମାନଙ୍କୁ ବିକ୍ରୟ କରିଥାନ୍ତି ।

↓

ଔଷଧ କମ୍ପାନୀ : ଗୟା, ରାଞ୍ଚି, ଜବଲପୁର,ଭୋପାଳ, ବିଳାସପୁର ଏବଂ ଅନ୍ୟସ୍ଥାନରେ ଅବସ୍ଥିତ ଔଷଧ କମ୍ପାନୀମାନେ ଏହାକୁ କିଲୋପିଛା ୪୦ ରୁ ୬୦ ଟଙ୍କା ଦରରେ କ୍ରୟ କରିଥାନ୍ତି ।

## ବଡ ହରିଡା ବ୍ୟବସାୟ ଧାରା

ପ୍ରାଥମିକ ସଂଗ୍ରହକାରୀ ବ୍ୟବସାୟୀମାନଙ୍କୁ କିଲୋପିଛା ୧.୫୦ ରୁ ୨ ଟଙ୍କା ଦରରେ ବିକ୍ରୟ କରିଥାଏ

↓

କ୍ଷୁଦ୍ରବ୍ୟବସାୟୀ କିଲୋପିଛା ୫୦ ପଇସା ଲାଭରଖି ବଡ ବ୍ୟବସାୟୀଙ୍କୁ ବିକ୍ରି କରିଥାଏ । ଏହି ବ୍ୟବସାୟୀମାନେ ହରିଡା ମହଜୁଦ କରନ୍ତି ନାହିଁ । କିଛି ଲାଭ ରଖି ଅମ୍ବିକାପୁର, ରାୟପୁର ଏବଂ ଧମତରୀଠାରେ ଥିବା ବଡ ବ୍ୟବସାୟୀମାନଙ୍କୁ ବିକ୍ରୟ କରିଥାନ୍ତି । ବେଳେବେଳେ ସେମାନେ ନିଜେ ବିକ୍ରୟ କରିଥାଆନ୍ତି ।

↓

ବଡ ବ୍ୟବସାୟୀମାନେ ଏହାକୁ କାନପୁରଠାରେ ଥିବା ଚମଡା କାରଖାନାକୁ ବିକ୍ରି କରିଥାଆନ୍ତି ।

↓

କାନପୁରଠାରେ ଥିବା ଚମଡା କାରଖାନାଗୁଡିକ ଏଥିରୁ ଟ୍ୟାନକ୍ ଏସିଡ୍ ପ୍ରସ୍ତୁତ କରିଥାଆନ୍ତି ।



## ହରିଡାର ମୂଲ୍ୟ:

ଗତ ପାଞ୍ଚ ବର୍ଷରେ ଛତିଶଗଡରେ ହରିଡାର ଆମଦାନୀ ଓ ବିକ୍ରୀମୂଲ୍ୟ

| ବର୍ଷ | ଆମଦାନୀର ମୂଲ୍ୟ | ବିକ୍ରୀମୂଲ୍ୟ |
|---|---|---|
| ୧୯୯୬-୯୭ | ୧୭୦ | ୪୬୯ |
| ୧୯୯୭-୯୮ | ୨୦୦ | ୯୭୭ |
| ୧୯୯୮-୯୯ | ୩୦୦ | ୭୦୯.୫୫ |
| ୧୯୯୯-୦୦ | ୫୫୦ | ୬୮୩.୪ |
| ୨୦୦୦-୦୧ | ୩୦୦ | ୪୦୩ |

ଟି.ଡି.ସି.ସି. ଓ ଓ.ଏଫ୍.ଡି.ସି. ଦ୍ୱାରା ଓଡିଶାରେ ହରିଡା ସଂଗ୍ରହ ଓ ବିକ୍ରୀ ମୂଲ୍ୟ

*ଓ.ଏଫ୍.ଡି.ସି. ଦ୍ୱାରା ସଂଗ୍ରହ*

ଓ.ଏଫ୍.ଡି.ସି. ବର୍ଷ ୧୯୯୧-୯୨ରେ ୪.୫୫ କ୍ୱିଣ୍ଟାଲ ହରିଡା ସଂଗ୍ରହ କରିଥିଲା, ଯାହାର ବିକ୍ରି ମୂଲ୍ୟ ୧୩୦୮ ଟଙ୍କା ଥିଲା । ସେହିପରି ୧୯୯୨-୯୩ ରେ ୭୭.୩୬ କ୍ୱିଣ୍ଟାଲ ଓ ୧୯୯୩-୯୪ ରେ ୫.୯୪ କ୍ୱିଣ୍ଟାଲ ହରିଡା ସଂଗ୍ରହ କରିଥିଲା ।

*ଟି.ଡି.ସି.ସି.ଦ୍ୱାରା ସଂଗ୍ରହ*

ଟି.ଡି.ସି.ସି. ୧୯୯୯-୦୦ ବର୍ଷରେ ୨୨୯.୦୧ କ୍ୱିଣ୍ଟାଲ ହରିଡା ସଂଗ୍ରହ କରିଥିଲା, ଯାହାର ବିକ୍ରି ମୂଲ୍ୟ ୧.୦୩ ଲକ୍ଷ ଟଙ୍କା ଥିଲା । ଏବଂ ୨୦୦୦-୦୧ ରେ ୯୭୩.୭୬ କ୍ୱିଣ୍ଟାଲ ହରିଡା ସଂଗ୍ରହ କରି ୪.୩୧ ଲକ୍ଷ ଟଙ୍କାରେ ବିକ୍ରୀ କରିଥିଲା ।

*ଚଳିତ ବର୍ଷ ରାୟପୁର ବଜାରରେ ହରିଡାର ଦର*

କିଲୋପ୍ରତି ଦର

| | | |
|---|---|---|
| ୧- | ହାରାହାରିମାନର ହରିଡା | ଟ୨.୫୦ |
| ୨- | ଭଲମାନର ହରିଡା (ଜେ.୧) | ଟ୩.୫୦ |
| ୩- | ମଞ୍ଜିଛଡା ହରିଡା | ଟ୬.୦୦ |

ବିଶେଷ ଦ୍ରଷ୍ଟବ୍ୟ

୧- ବିକ୍ରେତା ହରିଡା ବୋଝେଇ କରିବା ଓ ଖଲାସ କରିବାର ମୂଲ୍ୟ ବହନ କରେ ।

୨- କ୍ରେତା ୪% ବିକ୍ରି କର ୦.୬ % ପ୍ରବେଶକର ଓ ୨% ମଣ୍ଡି କର ବହନ କରେ ।

## କେତେକ ହରିଡା ବ୍ୟବସାୟୀଙ୍କ ତାଲିକା

୧. ଜୟ କିଷନ ଅଗ୍ରୱାଲ<br>କଣ୍ଟାବାଞ୍ଜି- ୭୬୭୦୩୯<br>ବଲାଙ୍ଗୀର

୨. ବିଷ୍ଣୁ ପ୍ରସାଦ ଅଗ୍ରୱାଲ<br>ଖରିଆର, ନୂଆପଡ଼ା

୩. ଅବଦୁଲ ଗଫର ଖାନ୍<br>ବୋଡେନ, ନୂଆପଡ଼ା

୪. ରାମ କିଷନ ଅଗ୍ରୱାଲ<br>ଚୁଡାପଲ୍ଲି, ବଲାଙ୍ଗୀର

୫. ଅଶୋକ ଗୁପ୍ତା<br>ଖରିଆର ରୋଡ, ନୂଆପଡ଼ା

୬. ଅତୁଲ ଡୋଲାକିଆ<br>ଖରିଆର ରୋଡ, ନୂଆପଡ଼ା

୭. ମୁନ୍ନା ଜେନ୍<br>ଉମରକୋଟ, ନବରଙ୍ଗପୁର

୮. ମେସର୍ସ ବି.ଏଲ୍. ଗୋଏଲ୍<br>କଣ୍ଟାବାଞ୍ଜି - ୭୬୭୦୩୯<br>ବଲାଙ୍ଗୀର

୯. ମୃତ୍ତିକା ରିର୍ସୋସେସ୍ ପ୍ରା.ଲି.<br>ପ୍ଲଟ ନଂ-୪୨୪,ସହିଦ ନଗର<br>ଭୁବନେଶ୍ୱର-୭<br>ଫୋନ୍-୦୬୭୪ ୨୫୧୭୮୯୭

୧୦. ମେସର୍ସ ଜୈନ ହର୍ବସ୍<br>ଏଣ୍ଟରପ୍ରାଇଜେସ୍<br>ରାଜେଶ୍ୱରୀ ରୋଡ୍<br>ଶିବପୁରୀ (ମଧ୍ୟପ୍ରଦେଶ)

୧୧. ଦି ଇଣ୍ଡିଆନ୍ ହର୍ବସ୍ ଏଣ୍ଡ ରିସର୍ଚ୍ଚ<br>ଏଣ୍ଡ ସପ୍ଲାଇ କମ୍ପାନୀ<br>ପୋଷ୍ଟ ବକ୍ସ ନଂ - ୫<br>ଶାରଦା ନଗର<br>ଶାହାରଣପୁର - ୨୪୭୦୦୧<br>ଉତ୍ତରାଞ୍ଚଳ

୧୨. ସିଦ୍ଧାୟୁ ଆୟୁର୍ବେଦିକ ରିସର୍ଚ୍ଚ<br>ଫାଉଣ୍ଡେସେନ୍ ପ୍ରା.ଲି.<br>ବୈଦ୍ୟନାଥ ହାଉସ୍<br>୨୦, ଗ୍ରେଟ୍ ନାଗ୍ ରୋଡ୍<br>ନାଗପୁର - ୪୬୦୦୦୯

୧୩. ମେସର୍ସ ସାଲେମ୍ କାଦୁକାଇ<br>ଷ୍ଟ୍ରିଟ୍ - ୪୫, ମାଇଲନ୍ ଚାଣ୍ଡାଇ<br>ଟ୍ରିଚି - ୬୨୦୦୦୮<br>ତାମିଲନାଡୁ

୧୪. ମେସର୍ସ ଅଶୋକ ଟ୍ରେଡ଼ିଙ୍ଗ୍ କମ୍ପାନୀ<br>ଷ୍ଟେସନ୍ ରୋଡ୍,<br>ଧମତରି - ୪୯୩୭୭୩<br>ଛତିଶଗଡ଼





*ଆର୍.ସି.ଡ଼ି.ସି.*
୪୨୪, ଶହୀଦ ନଗର
ଭୁବନେଶ୍ୱର - ୭
ଫୋନ୍ - (୦୬୭୪) ୨୫୧୦୯୮୫/୨୫୧୭୮୯୭
**www.banajata.org**

*ବଲାଙ୍ଗୀର ଅଫିସ୍*
ଆର୍.ସି.ଡ଼ି.ସି.
ପ୍ୟାଲେସ୍ ଲାଇନ୍, ବଲାଙ୍ଗୀର
ଫୋନ୍ - ୦୬୬୫୨ - ୨୩୪୮୪୨

*ଡାବୁ ଗାଁ ଅଫିସ୍*
ଆର୍.ସି.ଡ଼ି.ସି.
ଡାବୁଗାଁ, ନବରଙ୍ଗପୁର
ଫୋନ - ୦୬୮୬୭ - ୨୫୫୫୧୮

*ରାୟପୁର ଅଫିସ୍*
ଆର୍.ସି.ଡ଼ି.ସି.
ଶଙ୍କର ନଗର, ରାୟପୁର
ମୋବାଇଲ୍ - ୯୪୩୭୦- ୫୪୯୦୯

ଡିସେମ୍ବର ୨୦୦୩

ଜନସ୍ୱାର୍ଥ ଦୃଷ୍ଟିରୁ ଆର୍.ସି.ଡ଼ି.ସି.ଦ୍ୱାରା
ସଙ୍କଳିତ ଓ ବିତରିତ

# ହରିଡା

